**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**

**ଓଡିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର**

**Ekalavya Model Residential School (EMRS)**

**(ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ ) TRTS ଆବେଦନ ବିଜ୍ଞାପନ**

************

ଭାରତ ସରକାରଙ୍କ ଅନୁଦାନରେ କୋରାପୁଟ , ରାୟଗଡା , ମୟୂରଭଞ୍ଜ , କେନ୍ଦୁଝର , ଗଜପତି , କନ୍ଧମାଳ , ନବରଙ୍ଗପୁର , ଯାଜପୁର , ମାଲକାନଗିରି, ନୂଆପଡା , ସମ୍ବଲପୁର , ବଲାଙ୍ଗିର , ସୁନ୍ଦରଗଡ, କଳାହାଣ୍ଡି , ଦେବଗଡ, ଝାରସୁଗୁଡା, ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ମାନଙ୍କରେ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଇ.ଏମ.ଆର.ଏସ.ଏସ. ଟି. (EMRSST) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏତଦବ୍ୟତୀତ ସମୁଦାୟ ସିଟ ସଂଖ୍ୟା (୬୦)ର ୧୦ ପ୍ରତିଶତ ସିଟ ଅଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ତନ୍ମଧ୍ୟରୁ ଉଗ୍ରବାଦ ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କର ପିଲା, ବିଧବାଙ୍କ ପିଲା, ଦିବ୍ୟାଙ୍ଗ ପିତାମାତାଙ୍କ ପିଲା ଏବଂ ଅନ୍ୟମାନେ ଯଥା ଭୁଦାନ କରିଥିବା ବ୍ୟକ୍ତିଙ୍କ ପିଲାମାନଙ୍କୁ ଓ ଅନାଥ ଶିଶୁଙ୍କୁ ଅଗ୍ରାଧିକାର ଭିତ୍ତିରେ ନାମ ଲେଖାଇବାପାଇଁ ସୁଯୋଗ ଦିଆଯିବ। ୫ ପ୍ରତିଶତ ସ୍ଥାନ ଭିନ୍ନକ୍ଷ୍ୟମ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିବ । (ଯଦି ଭିନ୍ନକ୍ଷ୍ୟମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନ କାରିନଥାନ୍ତି ତେବେ ଉକ୍ତ ସ୍ଥାନ ଗୁଡିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ ।

ପୁନଶ୍ଚ EMRS ଥିବା ବ୍ଲକରେ କାର୍ଯ୍ୟ କରୁଥିବା ସରକାରୀ ଡାକ୍ତର ଖାନାର ଡାକ୍ତର ପାରାମେଡିକାଲ କର୍ମଚାରୀ ଏବଂ EMRS କର୍ମଚାରୀଙ୍କ ପିଲାଙ୍କ ପାଇଁ ସର୍ବାଧିକ ୧୦ଟି ଲେଖାଏଁ ସିଟ ସେକ୍ସନୱାରୀ ଅନୁମୋଦିତ ହୋଇଛି । ଏହି ସୁବିଧା କେବଳ ବଡ ଦୁଇ ବଞ୍ଚିଥିବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ହେବ ।

ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୦.୦୩.୨୦୨୩। ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଧା କାଗଜରେ ପୂରଣ କରି ସମ୍ପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ୍ୟ ଅଥବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (ଯାହା ପ୍ରଯୁଜ୍ୟ) ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଆବେଦନ ପତ୍ର ତଥା ତତସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ର ୱେବସାଇଟ – www.stscodisha.gov.in / ଓଡିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES) ର ୱେବସାଇଟ www.omtes.org ରୁ ପାଇପାରିବେ।

| କ୍ରମିକ ସଂଖ୍ୟା. | ଆଦର୍ଶ ବିଦ୍ୟାଳୟର ଅବସ୍ଥିତି | ଦରଖାସ୍ତ ଗ୍ରହଣ କରିବା ଅଧିକାରୀଙ୍କ ଠିକଣା |
|---|---|---|
| ୧ | ଧାନଘେରା, ଜିଲ୍ଲା- ମୟୂରଭଞ୍ଜ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା |
| ୨ | ଭବାନୀପୁର, ଜିଲ୍ଲା- ସୁନ୍ଦରଗଡ଼ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର |
| ୩ | ଶିରିଗୁଡା , ଜିଲ୍ଲା –ରାୟଗଡା | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଶିରିଗୁଡା |
| ୪ | ପୁଙ୍ଗାର , ଜିଲ୍ଲା – କୋରାପୁଟ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର |
| ୫ | ରାଙ୍କି , ଜିଲ୍ଲା- କେନ୍ଦୁଝର | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଙ୍କି |
| ୬ | ଚନ୍ଦ୍ରଗିରି , ଜିଲ୍ଲା-ଗଜପତି | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୭ | ମହାସୀଙ୍ଗୀ, ଜିଲ୍ଲା- କନ୍ଧମାଳ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସୀଙ୍ଗୀ |
| ୮ | ହିର୍ଲି, ଜିଲ୍ଲା –ନବରଙ୍ଗପୁର | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିର୍ଲି |
| ୯ | ଲହୁଣିପଡା – ସୁନ୍ଦରଗଡ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡା |
| ୧୦ | ଲାଇଙ୍ଗ –ସୁନ୍ଦରଗଡ | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ |
| ୧୧ | ରାମ୍ପିଲୋ,କଳିଙ୍ଗନଗର, ଜିଲ୍ଲା- ଯାଜପୁର | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମ୍ପିଲୋ |
| ୧୨ | ମାଲକାନଗିରି, ଜିଲ୍ଲା- ମାଲକାନଗିରି | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି |
| ୧୩ | ନୂଆପଡା, ଜିଲ୍ଲା- ନୂଆପଡା | ଅଧକ୍ଷ୍ୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡା |
| ୧୪ | କୁଚିଣ୍ଡା , ଜିଲ୍ଲା- ସମ୍ବଲପୁର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ , ସମ୍ବଲପୁର |
| ୧୫ | ଡୁମରବାହାଲ, ଜିଲ୍ଲା-ବଲାଙ୍ଗିର | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ବଲାଙ୍ଗିର |
| ୧୬ | ବିକ୍ରମପୁର, ଜିଲ୍ଲା-ରାୟଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ରାୟଗଡ଼ |
| ୧୭ | ବାଙ୍ଗିରପୋଷୀ, ଜିଲ୍ଲା- ମୟୂରଭଞ୍ଜ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୧୮ | କରଞ୍ଜିଆ, ଜିଲ୍ଲା – ମୟୂରଭଞ୍ଜ | ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ମୟୂରଭଞ୍ଜ |